# NATIONAL NEWS BULLETIN (ODIA)

**29 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ମଧ୍ୟସ୍ଥତା ମାଧ୍ୟମରେ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଲେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ।

- ଛତିଶଗଡ ସୁକୁମା ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୧୬ଜଣ ମାଓବାଦୀ ନିହତ ।

- ମ୍ୟାଁମାର ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୬୯୪କୁ ବୃଦ୍ଧି ।

ଏବଂ

- ଏସୀୟ କୁସ୍ତି ଚାମ୍ପିୟନସିପ୍‌ରେ ୬୨ କିଲୋ ମହିଳା ବର୍ଗରେ ମନଷା ଭାନୱ୍ୱାଲାଙ୍କ ସ୍ୱର୍ଣ୍ଣପଦକ ହାସଲ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ପିଏମ୍-ମହାରାଷ୍ଟ୍ର

ପ୍ରଧାନନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ର ଓ ଛତିଶଗଡ଼ ଗସ୍ତ କରିବେ । ମହାରାଷ୍ଟ୍ର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନାଗପୁର ଯାଇ ସ୍ମୃତି ମନ୍ଦିର ଦର୍ଶନ କରିବେ । ଏହାପରେ ସେ ଦୀକ୍ଷାଭୂମି ଯିବେ। ପରେ ନାଗପୁରଠାରେ ମାଧବ ନେତ୍ରାଳୟ ପ୍ରିମିୟମ୍ ସେଣ୍ଟରର ଶିଳାନ୍ୟାସ କରିବେ ଏବଂ ସେଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ ।

ଶ୍ରୀ ମୋଦୀ ମଧ୍ୟ ଏକ ଟେଷ୍ଟିଂ ରେଞ୍ଜ୍‌ର ଉଦ୍‌ଘାଟନ କରିବେ ଏବଂ ସୋଲାର ଡିଫେନ୍ସ ଏବଂ ଏରୋସ୍ପେସ୍ ଲିମିଟେଡ୍‌ର ରନ୍‌ୱେ ସୁବିଧାର ଶୁଭ ଉଦ୍‌ଘାଟନ କରିବେ । ମହାରାଷ୍ଟ୍ର ଗସ୍ତ ସାରି ପ୍ରଧାନମନ୍ତ୍ରୀ ଛତିଶଗଡ଼ର ବିଳାସପୁର  ଯିବେ ଏବଂ ସେଠାରେ ୩୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରଧାନମନ୍ତ୍ରୀ ସେଠାରେ ସାଧାରଣ ଜନତାଙ୍କୁ ମଧ୍ଯ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଗୋଏଲ-ୟୁଆଇଏ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ମଧ୍ଯସ୍ଥତା ମାଧ୍ଯମରେ ସମସ୍ୟା ସମାଧାନର ସୁଫଳ ଉପରେ ଗୁରୁତ୍ୱାରୋପ କରିଛନ୍ତି । ୟୁନିୟନ ଇଣ୍ଟରନ୍ୟାସନାଲ ଡେସ୍ ଆଭୋକାଟ୍‌ସ ୟୁଆଇଏ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି ଭାରତ ଖୁବ୍‌ଶୀଘ୍ର ବିଶ୍ୱସ୍ତରରେ ଉତ୍ପାଦର ଏକ କେନ୍ଦ୍ରସ୍ଥଳୀ ପାଲଟିବ । ନ୍ୟାୟିକ ବ୍ୟବସ୍ଥାରେ ଦକ୍ଷତାରେ ଉନ୍ନତି ଆଣିବା ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ସେ ଏହି ଅବସରରେ ଆଲୋକପାତ କରିଥିଲେ । ଶ୍ରୀ ଗୋଏଲ କହିଛନ୍ତି ସ୍ୱଷ୍ଟ, ଦୃଢ଼ ଏବଂ ଅନ୍ତର୍ଜାତୀୟ ସ୍ତରରେ ଆଇନ୍ ପ୍ରଣୟନ କରିବାରେ ଆଇନ୍‌ଜୀବୀଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମଧ୍ଯସ୍ଥତା

ମାଧ୍ୟମରେ ସମସ୍ୟାର ସମାଧାନ ହେବା ଦ୍ୱାରା ନ୍ୟାୟିକ ପ୍ରକ୍ରିୟାର ବିଳମ୍ବକୁ ହ୍ରାସ କରାଯିବା ସହ ଉଭୟ ପକ୍ଷ ଫଳାଫଳକୁ ଆନ୍ତରିକତାର ସହ ଗ୍ରହଣ କରିଥାନ୍ତି । ଏହି ଅବସରରେ ଶ୍ରୀ ଗୋଏଲ ବିଶ୍ୱସ୍ତରରେ ବ୍ୟବସାୟ କ୍ଷେତ୍ରରେ ବିଶ୍ୱାସ ସୃଷ୍ଟି କରିବା ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

## ହୋମ୍ ମିନିଷ୍ଟର-ଫାୟାର ସର୍ଭିସେସ୍

ଅଗ୍ନିଶମ ସେବାର ସଂପ୍ରସାରଣ ଏବଂ ଆଧୁନିକୀକରଣ ଲକ୍ଷ୍ୟ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଛି । ୫ଟି ରାଜ୍ୟ ପାଇଁ ୧ ହଜାର ୬୦୪ କୋଟି ଟଙ୍କାର ପ୍ରକଳ୍ପକୁ ବୈଠକରେ ଅନୁମୋଦନ କରାଯାଇଛି । ଏହି ରାଜ୍ୟଗୁଡ଼ିକ ହେଉଛି ବିହାର, ଗୁଜରାଟ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ କେରଳ । ଅନ୍ୟପକ୍ଷରେ ଗତ ଅକ୍ଟୋବର ୨୦୨୩ରେ ସିକିମ୍‌ରେ ବନ୍ୟା ପରବର୍ତ୍ତୀ ପୁନଃନିର୍ମାଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ ବୈଠକରେ ୫ କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ଅନୁଦାନକୁ ମଂଜୁରି ପ୍ରଦାନ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦେଶରେ ବିପର୍ଯ୍ୟୟ ପରିଚାଳନାକୁ ସୁନିଶ୍ଚିତ କରିବା ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅଧୀନରେ ୨୮ଟି

ରାଜ୍ୟକୁ ୧୯ହଜାର କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରିଛନ୍ତି । ସେହିଭଳି ୧୬ଟି ରାଜ୍ୟକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅଧୀନରେ ୩ ହଜାର ୨୨୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଛତିଶଗଡ ମାଓଇଷ୍ଟ କିଲ୍ଡ

ଛତିଶଗଡ ବସ୍ତର ଡିଭିଜନର ସୁକୁମା ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୧୬ଜଣ ମାଓବାଦୀ ନିହତ ହୋଇଛନ୍ତି । ଜିଲ୍ଲା ରିଜର୍ଭ ଗାର୍ଡର ୨ଜଣ ଜବାନ ଆହତ ହୋଇଥିବା ଜଣାପଡିଛି । କେର୍ଲାପାଲ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ତଥ୍ୟ ଆଧାରରେ ସିଆର୍‌ପିଏଫ୍ ଏବଂ ଡିଆର୍‌ଜି ସୁରକ୍ଷା ବାହିନୀ ପକ୍ଷରୁ ମିଳିତ ଭାବେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଆଜି ସକାଳୁ ଗୁଳି ବିନିମୟ ହୋଇଥିଲା । ନିହତ ହୋଇଥିବା ୧୬ଜଣଯାକ ମାଓବାଦୀଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଏହାବ୍ୟତୀତ ଘଟଣାସ୍ଥଳରେ ଏକେ-୪୭ ତଥା ଅନ୍ୟାନ୍ୟ ମାରଣାସ୍ତ୍ର ବିପୁଳ ପରିମାଣରେ ଜବତ କରାଯାଇଛି । ଗତ ବର୍ଷକ ମଧ୍ୟରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ଛତିଶଗଡରେ ୪୦୦

ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସେଥିମଧ୍ୟରେ ଗତ ୧୦ ଦିନ ମଧ୍ୟରେ ୫୦ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି ।

## ମ୍ୟାଁମାର – ଆର୍ଥକ୍ୱେକ

ମ୍ୟାଁମାରରେ ଗତକାଲି ହୋଇଥିବା ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୬୯୪କୁ ବୃଦ୍ଧି ପାଇଛି । ରିକ୍ଟରସ୍କେଲରେ ଭୂକମ୍ପର ତୀବ୍ରତା ୭ ଦଶମିକ ୭ ଥିବା ଜଣାପଡିଛି । ମ୍ୟାଁମାରର ଏକ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଜାରି ରହିଛି । ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ଅନ୍ୟପକ୍ଷରେ ଆମେରିକାର ଏକ ସଂସ୍ଥା ମୃତ୍ୟୁସଂଖ୍ୟା ହଜାରେକୁ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ କରିଛି । ଥାଇଲାଣ୍ଡରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା । ଏକ ନିର୍ମାଣାଧୀନ କୋଠା ଭୁଶୁଡିପଡିବାରୁ ୧୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୯ଜଣ ଆହତ ହୋଇଛନ୍ତି । ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଇ ଟୋଙ୍ଗଟାମ୍ ସିନାୱାର୍ଟା ବ୍ୟାଙ୍କକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପରିସ୍ଥିତି ନେଇ ଗଭୀର ଚିନ୍ତାପ୍ରକଟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଉଭୟ ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିଛନ୍ତି । ଭାରତ ସମସ୍ତ ପ୍ରକାର ସମ୍ଭାବ୍ୟ ସାହାଯ୍ୟ ପ୍ରଦାନ କରିବାକୁ ପ୍ରସ୍ତୁତ ବୋଲି ଶ୍ରୀ ମୋଦୀ କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ପରିସ୍ଥିତି ଉପରେ ଭାରତ ସରକାର ନଜର ରଖିଛନ୍ତି । ମ୍ୟାଁମାରସ୍ଥିତ ଭାରତୀୟ ଦୂତାବାସ କହିଛି

ଭାରତ ପକ୍ଷରୁ ସହାୟତା ଏବଂ ରିଲିଫ ସାମଗ୍ରୀ ମ୍ୟାଁମାରରେ ପହଞ୍ଚିବାର ବ୍ୟବସ୍ଥା ହୋଇଛି । ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ଦୂତାବାସ ପକ୍ଷରୁ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏଥିପାଇଁ ଏକ ଜରୁରୀକାଳୀନ ଯୋଗାଯୋଗ ନମ୍ବର ମଧ୍ୟ ଜାରି କରାଯାଇଛି ।

ଅନ୍ୟପକ୍ଷରେ ଭାରତ' ମ୍ୟାଁମାରକୁ ୧୫ ଟନ୍ ରିଲିଫ ସାମଗ୍ରୀ ପଠାଇଛି । ହିଣ୍ଡନ ବାୟୁସେନା ବିମାନ ବନ୍ଦରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଏହି ରିଲିଫ ସାମଗ୍ରୀ ମ୍ୟାଁମାରକୁ ପଠାଯାଇଛି । ଏଥିରେ ଅସ୍ଥାୟୀ ବାସଗୃହ, କମ୍ବଳ, ରନ୍ଧାଖାଦ୍ୟ, ଜେନେରେଟର ସେଟ୍, ଔଷଧ ଏବଂ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଉପକରଣ ଆଦି ରହିଛି ।

## ରୁଷ୍-ୟୁକ୍ରେନ୍ ଡ୍ରୋନ୍ ଆଟାକ

କେନ୍ଦ୍ରୀୟ ୟୁକ୍ରେନ ସହର ଡିନିପ୍ରୋ ଉପରେ ରୁଷିଆର ଡ୍ରୋନ୍ ଆକ୍ରମଣ ଯୋଗୁଁ ୪ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୧୯ଜଣ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ରୁଷିଆ ପକ୍ଷରୁ ୨୦ଟି ଡ୍ରୋନ୍ ମାଧ୍ୟମରେ ଏହି ଆକ୍ରମଣ କରାଯାଇଥିଲା । ଏକ ହୋଟେଲ ଏବଂ କେତେକ ଆବାସିକ କୋଠା ଏହି ଡ୍ରୋନ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ତେବେ ଏହି ଆକ୍ରମଣ ନେଇ ରୁଷିଆ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ।

ଇତିମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନ୍‌ସ୍କି ଏହି ଆକ୍ରମଣ ପାଇଁ ରୁଷିଆକୁ ଦାୟୀ କରିଥିବାବେଳେ ୟୁକ୍ରେନ୍‌ର ଶକ୍ତିକ୍ଷେତ୍ର ଗୁଡ଼ିକୁ ଲକ୍ଷ୍ୟକରି ଆକ୍ରମଣ ହୋଇଥିବା ଅଭିଯୋଗ କରିଛନ୍ତି । ଆମେରିକା ମଧ୍ୟସ୍ଥତାରେ ଏକମାସ ପାଇଁ ଶକ୍ତି କ୍ଷେତ୍ରଗୁଡ଼ିକ ଉପରେ ଆକ୍ରମଣ ନ କରିବା ପାଇଁ ହୋଇଥିବା ଆଲୋଚନାର ଏହା ବିରୁଦ୍ଧାଚରଣ କରୁଛି ବୋଲି ସେ କହିଛନ୍ତି ।

## ବାଂଲାଦେଶ-ହାଇ କମିଶନର

ବାଂଲାଦେଶରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ଗତକାଲି ନୂଆଦିଲ୍ଲୀଠାରେ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କୁ ଭେଟି ଆଲୋଚନା କରିଛନ୍ତି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ, ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ଏବଂ ଆଞ୍ଚଳିକ ନିରାପତ୍ତା ସୁଦୃଢ଼ୀକରଣରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ମିଳିତ ପଦକ୍ଷେପର ମାର୍ଗ ଉନ୍ମୋଚନ ନେଇ ଶ୍ରୀ ବର୍ମା ଜେନେରାଲ ଦ୍ୱିବେଦୀଙ୍କ ସହ ମତ ବିନିମୟ କରିଥିବା ଜଣାପଡିଛି ।

## ଏଲନ ମସ୍କ

କୋଟିପତି ବ୍ୟବସାୟୀ ଏଲନ ମସ୍କ ସାମାଜିକ ଗଣମାଧ୍ୟମ  ଏକ୍ସକୁ ନିଜ ଅକ୍ତିଆରରେ ଥିବା ଏକ୍ସ-ଏଆଇ କମ୍ପାନୀକୁ ବିକ୍ରି କରିଛନ୍ତି । ଏଥିପାଇଁ

ଉଭୟ ସଂସ୍ଥା ମଧ୍ୟରେ ୩୩ ବିଲିୟନ ଆମେରିକୀୟ ଡଲାରର ଚୁକ୍ତି ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମସ୍କ କହିଛନ୍ତି ଏହି ପଦକ୍ଷେପ ଏକ୍ସ-ଏଆଇ କମ୍ପାନୀକୁ ଉନ୍ନତି ପଥରେ ଆଗେଇ ନେବାପାଇଁ ସହାୟକ ହେବ । ସେହିଭଳି ସାମାଜିକ ଗଣମାଧ୍ୟମ ଏକ୍ସ ମଧ୍ୟ ଏହି ମିଶ୍ରଣ ଦ୍ୱାରା ଅଧିକ ପ୍ରଭାଭଶାଳୀ ହୋଇପାରିବ । ସୂଚନାଯୋଗ୍ୟ ଟେସ୍‌ଲା ଏବଂ ସ୍ପେସ୍-ଏକ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତା ଶ୍ରୀ ମସ୍କ ୨୦୨୨ରେ ୪୪ ବିଲିୟନ ଡଲାରରେ ଟ୍ୱିଟର ସାମାଜିକ ଗଣମାଧ୍ୟମକୁ କିଣିଥିଲେ । ଏହର ବର୍ଷକ ପରେ ସେ ଏକ୍ସ-ଏଆଇ କମ୍ପାନୀ ଆରମ୍ଭ କରିଥିଲେ ।

## ସ୍ପୋର୍ଟ୍‌ସ

ଏସୀୟ କୁସ୍ତି ଚାମ୍ପିୟନସିପ୍ ପ୍ରତିଯୋଗିତାରେ ମନୀଷା ଭାନୱାଲା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୨୦୨୧ ପରେ ପ୍ରଥମଥର ପାଇଁ ଭାରତ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇଛି । ଜୋର୍ଡାନର ଅମ୍ମାନଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତର ଅନ୍ତିମ ପନଘଲ ବ୍ରୋଞ୍ଜ ପଦକ ପାଇଛନ୍ତି । ୬୨ କିଲୋବର୍ଗରେ ମନୀଷା କୋରିଆର ପ୍ରତିଯୋଗୀଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତର କୁସ୍ତିଯୋଦ୍ଧା ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୬ଟି କାଂସ୍ୟ ପଦକ ହାସଲ କରିଛନ୍ତି ।

ପୁରୁଷ ବର୍ଗ ଫ୍ରି-ଷ୍ଟାଇଲ୍ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ। ଉଭୟ ଦଳ ଚଳିତ ସିଜିନ୍‌ର ସେମାନଙ୍କର ପ୍ରଥମ ମ୍ୟାଚରୁ ପରାସ୍ତ ହୋଇଥିଲେ । ଗୁଜୁରାଟ ଟାଇଟନ୍ସ ୧୧ରନ୍‌ରେ ପଞ୍ଜାବ କିଙ୍ଗ୍‌ସଠାରୁ ପରାସ୍ତ ହୋଇଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସଠାରୁ ହାରି ଯାଇଥିଲେ ।

ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଥିଲା ।